# NATIONAL NEWS BULLETIN (ODIA)

## 8 November - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଆଙ୍ଗୋଲା ଓ ବୋତସ୍ୱାନାକୁ ଆଜିଠାରୁ ୬ ଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି ।
- ପ୍ରଧାନମନ୍ତ୍ରୀ ଆଜି ବାରାଣସୀରେ ୪ଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର କରିବେ ଶୁଭାରମ୍ଭ ।

– ସନ୍ଧ୍ୟାରେ ନୂଆଦିଲ୍ଲୀ ଠାରେ ଆଇନ୍‌ସେବା ପ୍ରଦାନ ବ୍ୟବସ୍ଥାର ସଶକ୍ତିକରଣ ସମ୍ପର୍କିତ ଏକ ଜାତୀୟ ସମ୍ମିଳନୀକୁ ମଧ୍ୟ କରିବେ ଉଦ୍‌ଘାଟନ ।

- ଆସନ୍ତାବର୍ଷ ଭାରତ ଗସ୍ତ କରିପାରନ୍ତି ବୋଲି ଆମେରିକା ରାଷ୍ଟ୍ରପତିଙ୍କ ସୂଚନା ।
- ଛତିଶଗଡ଼ର ରାୟପୁର ଠାରେ ଗତକାଲି ପୁଲିସ୍ ନିକଟରେ ଏକ ପ୍ରମୁଖ ମାଓବାଦୀ ସଂଗଠନ ଉଦନ୍ତି ଏରିଆ କମିଟିର ସମସ୍ତ ସକ୍ରିୟ ସଦସ୍ୟଙ୍କ ଆତ୍ମସମର୍ପଣ ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଆଜି ଭାରତ ବ୍ରିସ୍‌ବେନ୍‌ଠାରେ ଭେଟିବ ଆୟୋଜକ ଅଷ୍ଟ୍ରେଲିଆକୁ ।

# ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଆଙ୍ଗୋଲା ଏବଂ ବୋତସ୍ୱାନାକୁ ଛଅ ଦିନିଆ ଗସ୍ତରେ ଯିବେ। ନୂଆଦିଲ୍ଲୀଠାରେ ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ଦୁଇ ରାଷ୍ଟ୍ର ଗସ୍ତ କରିବାରେ ରାଷ୍ଟ୍ରପତି ମୁର୍ମୁ ହେଉଛନ୍ତି ଭାରତର ପ୍ରଥମ ରାଷ୍ଟ୍ରମୁଖ୍ୟ। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ଦୁଇ ଦେଶରେ ତାଙ୍କ ପ୍ରତିପକ୍ଷମାନଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହି ଦୁଇ ଦେଶ ସହିତ ପ୍ରତିରକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ବାଣିଜ୍ୟ ଓ ଜନସମ୍ପର୍କ ସମେତ ବିଭିନ୍ନ ପ୍ରାଥମିକ କ୍ଷେତ୍ରରେ ସହଯୋଗ ଓ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଉପରେ ମୁଖ୍ୟତଃ ଆଲୋଚନା କରାଯିବ । ବୋଡ୍‌ସ୍ୱାନା ସହିତ ପ୍ରକଳ୍ପ ଚିତା ସମ୍ପର୍କରେ ମଧ୍ୟ ରାଷ୍ଟ୍ରପତି ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଏତଦ୍‌ବ୍ୟତୀତ ସେ ସ୍ଥାନୀୟ ସଂସଦରେ ଉଦ୍‌ବୋଧନ ଦେବା ସହ ଏହି ଦୁଇ ଆଫ୍ରିକୀୟ ଦେଶରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ସହିତ ମଧ୍ୟ ଭାବବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ୧୧ ତାରିଖରେ ଆଙ୍ଗୋଲା ସ୍ୱାଧୀନତାର ୫୦ତମ ବାର୍ଷିକୀ ସମାରୋହରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତି ମୁର୍ମୁଙ୍କର ଏହି ଗସ୍ତ ଦ୍ୱାରା ଭାରତ ସହିତ ଆଫ୍ରିକୀୟ ଦେଶ ଗୁଡ଼ିକର ସମ୍ପର୍କକୁ ଅଧିକ ସଶକ୍ତ କରିବା ତଥା ଗ୍ଲୋବାଲ୍ ସାଉଥ୍ ରାଷ୍ଟ୍ରଗୁଡ଼ିକ ସହିତ ମଧ୍ୟ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ଦୃଷ୍ଟିକୋଣ ପ୍ରତିଫଳିତ ହେଉଛି ।

# ପି.ଏମ୍. - ବାରାଣାସୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବାରାଣସୀରେ ଚାରୋଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିବେ। ଏହି ଟ୍ରେନଗୁଡ଼ିକ ବନାରସ-ଖଜୁରାହୋ, ଲକ୍ଷ୍ନୌ-ସାହାରନପୁର, ଫିରୋଜପୁର-ଦିଲ୍ଲୀ ଏବଂ ଏର୍ଣ୍ଣାକୁଲମ-ବେଙ୍ଗାଲୁରୁ ମଧ୍ୟରେ ଚଳାଚଳ କରିବ। ଏହାଦ୍ୱାରା ଯାତ୍ରୀମାନଙ୍କର ଏହି ପଥରେ ଯାତ୍ରା ସମୟ ହ୍ରାସ ପାଇବା ସହ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧି ପାଇବ ଏବଂ ପର୍ଯ୍ୟଟନ କ୍ଷେତ୍ର ଓ ଦେଶବ୍ୟାପି ଆର୍ଥିକ କାରବାରକୁ ମଧ୍ୟ ପ୍ରୋତ୍ସାହନ ମିଳିବ । ଆଜି ଅନୁଷ୍ଠିତ ହେବାକୁ ଥିବା ଏହି ଉଦ୍‌ଘାଟନୀ ସମାରୋହରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଆଜି ଶୁଭାରମ୍ଭ ହେଉଥିବା ଟ୍ରେନ୍ ଚଳାଚଳ ଦ୍ୱାରା ବାରାଣସୀ, ପ୍ରୟାଗରାଜ, ଚିତ୍ରକୁଟ ଓ ଖଜୁରାହୋ ସମେତ  ଦେଶର ସାଂସ୍କୃତିକ ତଥା ଧାର୍ମିକ ପ୍ରତିଷ୍ଠାନ ଗୁଡ଼ିକ ସହିତ ସଂଯୋଗୀକରଣ ବ୍ୟବସ୍ଥାକୁ ସୁସଂହତ କରାଯାଇପାରିବ। ଏହି ଚାରୋଟି ଟ୍ରେନ୍ ଦ୍ୱାରା ଲକ୍ଷ୍ନୌ, ସୀତାପୁର, ଶାହଜାହାନପୁର, ବରେଲି, ମୋରାଦାବାଦ, ବିଜନୌର, ସାହରନ୍‌ପୁରର ବାସିନ୍ଦା ଉପକୃତ ହେବା ସହିତ ଦିଲ୍ଲୀ ଓ ପଞ୍ଜାବ ମଧ୍ୟରେ ସଂଯୋଗୀକରଣ ଅଧିକ ସଶକ୍ତ ହୋଇପାରିବ । ଗତ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ତାଙ୍କର ସଂସଦୀୟ ନିର୍ବାଚନୀ ମଣ୍ଡଳୀ ବାରାଣସୀରେ ପହଞ୍ଚିଛନ୍ତି । ସେଠାରେ ପ୍ରଧାନମନ୍ତ୍ରୀଙ୍କୁ ସ୍ଥାନୀୟ ଜନସାଧାରଣ ଓ ବିଜେପିର କର୍ମକର୍ତ୍ତାଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି ।

## ପିଏମ୍-କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ସୁପ୍ରିମ୍‌କୋର୍ଟ ପରିସରରେ ଆଇନ୍‌ସେବା ପ୍ରଦାନ ବ୍ୟବସ୍ଥାର ସଶକ୍ତିକରଣ ସମ୍ପର୍କିତ ଏକ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏଥିସହିତ ପ୍ରଧାନମନ୍ତ୍ରୀ ଜାତୀୟ ଆଇନ୍‌ସେବା ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ କମ୍ୟୁନିଟି ମିଡିଏସନ୍ ତାଲିମ୍ ମଡ୍ୟୁଲ୍‌ର ମଧ୍ୟ ଶୁଭାରମ୍ଭ କରିବେ । ଏହି ଅବସରରେ ଶ୍ରୀ ମୋଦୀ ସମାରୋହରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ସ୍ଥାୟୀ ଲୋକଅଦାଲତ, ଆଇନ୍‌ସେବା ପ୍ରତିଷ୍ଠାନଗୁଡ଼ିକର ଆର୍ଥିକ ପରିଚାଳନା, ଆଇନ୍ ସହାୟତା ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ।

## ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ଗୌହାଟୀଠାରେ ଗେଟ୍‌ୱେ ଗୌହାଟୀ ଟର୍ମିନାଲ୍ ଓ ଜେଟି ଏବଂ ବ୍ରହ୍ମପୁତ୍ର ରିଭର୍ ଫ୍ରଣ୍ଟର ଉଦ୍‌ଘାଟନ କରିଛନ୍ତି । ଏହି ଦୁଇଟି ଐତିହାସିକ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରି ଶ୍ରୀମତୀ ସୀତାରମଣ ଏହାକୁ ନିରନ୍ତର ବିକାଶ, ବିବିଧ ସଂଯୋଗୀକରଣ ଦିଗରେ ଏକ ସଫଳ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି । ଏତଦ୍‌ବ୍ୟତୀତ ଏହି ଦୁଇଟି ପ୍ରକଳ୍ପ ଆସାମର ସାଂସ୍କୃତିକ ପରିଚୟକୁ ଅଧିକ ସଶକ୍ତ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି ।

# ଟ୍ରମ୍ପ୍-ଇଣ୍ଡିଆ ଭିଜିଟ୍

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆସନ୍ତାବର୍ଷ ଭାରତ ଗସ୍ତ କରିପାରନ୍ତି ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଏହି ଗସ୍ତ ଲାଗି ଆଗ୍ରହ ପ୍ରକାଶ କରିବା ଉପରେ ଆଲୋକପାତ କରି ଶ୍ରୀ ଟ୍ରମ୍ପ୍ ତାଙ୍କୁ ଜଣେ ଉତ୍ତମ ବନ୍ଧୁ ଭାବେ ଅବିହିତ କରିଛନ୍ତି । ଭାରତ ନୂଆଦିଲ୍ଲୀ ଠାରେ କ୍ୱାଡ୍ ସମ୍ମିଳନୀ ଆୟୋଜନ କରିବ । ଏହି ସମ୍ମିଳନୀରେ ଅଷ୍ଟ୍ରେଲିଆ, ଜାପାନ ଓ ଯୁକ୍ତରାଷ୍ଟ୍ର ଆମେରିକାର ନେତୃବୃନ୍ଦ ଯୋଗଦେବେ । ତେବେ ଏହି ସମ୍ମିଳନୀର ତାରିଖ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ । ଗତବର୍ଷ ଏହି ସମ୍ମିଳନୀ ୱିଲ୍‌ମିଙ୍ଗଟନ୍‌ରେ ଅନୁଷ୍ଠିତ ହୋଇଥିଲା ।

# ଇଣ୍ଡିଆ ଇୟୁ

ପ୍ରସ୍ତାବିତ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମାକୁ ଏକ ସଫଳ ରୂପ ଦେବା ଲାଗି ୟୁରୋପୀୟ ସଂଘର ଏକ ପ୍ରତିନିଧି ଦଳ ଗତ ତିନି ତାରିଖରୁ ଭାରତ ଆସିଥିଲେ । ଏହି ପ୍ରତିନିଧି ଦଳ ତାଙ୍କର ଭାରତୀୟ ପ୍ରତିପକ୍ଷଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଆଲୋଚନା ଗତକାଲି ସମ୍ପନ୍ନ ହୋଇଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ।

ମନ୍ତ୍ରଣାଳୟ କହିଛି, ଏହାକୁ ଏକ ସମନ୍ୱିତ, ସନ୍ତୁଳିତ ତଥା ଆପୋଷ ଲାଭଦାୟକ ବାଣିଜ୍ୟ ଚୁକ୍ତିନାମାରେ ପରିଣତ କରିବା ଦିଗରେ ଏହି ପ୍ରତିନିଧି ଦଳ ମଧ୍ୟରେ ଆଲୋଚନା କରାଯାଇଛି । ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ୍ ଏ ଦିଗରେ ୟୁରୋପୀୟ ଆୟୋଗଙ୍କ ବାଣିଜ୍ୟ ମହାନିର୍ଦ୍ଦେଶକ ସାବିନେ

ଓ୍ୱେୟାନ୍ଦଙ୍କ ସହିତ ବିସ୍ତୃତ ଆଲୋଚନା କରିବା ସହିତ ଏ ଦିଗରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରିଛନ୍ତି । ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶ ଲକ୍ଷ୍ୟ ହାସଲ ସହିତ ଏକ ସମନ୍ୱିତ ତଥା ସନ୍ତୁଳିତ ବାଣିଜ୍ୟ ଚୁକ୍ତିନାମା କାର୍ଯ୍ୟକାରୀ କରିବା ଦିଗରେ ଉଭୟ ପକ୍ଷ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ଏତଦ୍‌ବ୍ୟତୀତ ପୁଞ୍ଜିନିବେଶ, ବାଣିଜ୍ୟ, ସ୍ଥାୟୀ ବିକାଶ, ବାଣିଜ୍ୟ କାରବାରରେ ବୈଷୟିକ ତ୍ରୁଟି ସମେତ ବିଭିନ୍ନ ସେବା ଉପରେ ମଧ୍ୟ ଏହି ଦୁଇ ପ୍ରତିନିଧି ଦଳ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି ।

## ମାଓବାଦୀ

ଗରିଆବନ୍ଦ-ଧମନ୍ତାରୀ-ନୂଆପଡ଼ା ଡିଭିଜନ୍‌ର ଏକ ପ୍ରମୁଖ ମାଓବାଦୀ ସଂଗଠନ ଉଦନ୍ତି ଏରିଆ କମିଟିର ସମସ୍ତ ସକ୍ରିୟ ସଦସ୍ୟମାନେ ଗତକାଲି ଛତିଶଗଡ଼ର ରାୟପୁର ଠାରେ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏ ସମ୍ପର୍କରେ ପୁଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପୋଲିସ୍ ଆଇ.ଜି. ଅମରେସ୍ ମିଶ୍ରଙ୍କ ନିକଟରେ ୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ଏରିଆ କମାଣ୍ଡର ସୁନୀଲ ଓ ସଚିନ୍ ଆରେନାଙ୍କ ଉପରେ ୮ ଲକ୍ଷ ଟଙ୍କା ଲେଖାଏଁ ନଗଦ ରାଶି ପୁରସ୍କାର ଘୋଷଣା କରାଯାଇଥିଲା । ଏତଦ୍‌ବ୍ୟତୀତ ଲୁଦ୍ରନ୍, ବିଦ୍ୟା, ନନ୍ଦିନୀ ଓ ମାଲେସ୍‌ଙ୍କ ଲାଗି ୫ ଲକ୍ଷ ଲେଖାଏଁ ଓ ବଣ୍ଟି ଲାଗି ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା ବୋଲି ପୁଲିସ୍ କହିଛି ।

ଝାଡ଼ଖଣ୍ଡର ପଶ୍ଚିମ ସିଂଘଭୂମ ଜିଲ୍ଲା ଅନ୍ତର୍ଗତ ଘଞ୍ଚ ସରଣ୍ଡା ଜଙ୍ଗଲରେ ଜାରି ରହିଥିବା ନକ୍ସଲ ବିରୋଧୀ ଅପରେସନ ସମୟରେ ସୁରକ୍ଷା ଦଳକୁ ଏକ ପ୍ରମୁଖ ସଫଳତା ମିଳିଛି । ଝାଡ଼ଖଣ୍ଡ ପୁଲିସ୍ ଏବଂ ସି.ଆର୍.ପି.ଏଫ୍. ପକ୍ଷରୁ

ଜରେଇକେଲା ଥାନା ଅନ୍ତର୍ଗତ କୁଲାପୁବୁରୁ ଅଞ୍ଚଳରେ ମାଓବାଦୀ ଓ ସୁରକ୍ଷା ଦଳ ମଧ୍ୟରେ ଗୁଳିବିନିମୟ ହୋଇଛି । ପରେ ସମ୍ପୃକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ସମୟରେ ବହୁ ସଂଖ୍ୟାରେ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଦ୍ରବ୍ୟ ଏବଂ ମାଓବାଦୀ କାର୍ଯ୍ୟ ସମ୍ପର୍କିତ ଅନେକ ଦସ୍ତାବିଜ୍ ମଧ୍ୟ ପୁଲିସ୍ ଜବତ କରିଛି ।

## କ୍ରିକେଟ୍-ଇଣ୍ଡିଆ-ଅଷ୍ଟ୍ରେଲିଆ

ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ୫ ଟିକିଆ ଶୃଙ୍ଖଳାର ଅନ୍ତିମ ମ୍ୟାଚ୍‌ରେ ଆଜି ଭାରତ ବ୍ରିସ୍‌ବେନ୍‌ଠାରେ ଆୟୋଜକ ଅଷ୍ଟ୍ରେଲିଆକୁ ଭେଟିବ । ଭାରତୀୟ ସମୟ ଅପରାହ୍ଣ ଗୋଟାଏ ୪୫ ମିନିଟ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଗତ ୬ ତାରିଖ ଦିନ ଓଭାଲ୍‌ଠାରେ ଅନୁଷ୍ଠିତ ଚତୁର୍ଥ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆକୁ ୪୮ ରନ୍‌ରେ ପରାସ୍ତ କରି ୨-୧ରେ ସିରିଜ୍ ଅଗ୍ରଣୀ ରହିଛି । ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ଟି ବର୍ଷା ପାଇଁ ବାତିଲ ହୋଇଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା ।

## ଅଲିମ୍ପିକ୍ସ

ଲସ୍ ଆଞ୍ଜେଲେସ୍‌ରେ ଅନୁଷ୍ଠିତ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ସ କ୍ରୀଡ଼ା ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍ ସ୍ଥାନ ପାଇବ । ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ ଆଇ.ସି.ସି. ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା କ୍ରିକେଟ୍ ଲାଗି ୬ ଲେଖାଏଁ ଦଳ ସ୍ଥାନ ପାଇବେ । ମୋଟ୍ ୨୮ଟି

ମ୍ୟାଚ୍ ଖେଳାଯିବ । ଜୁଲାଇ ୧୨ରୁ ୨୯ ତାରିଖ ମଧ୍ୟରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ । ପଦକ ଲାଗି ମହିଳା ବର୍ଗରେ ଜୁଲାଇ ୨୦ ଏବଂ ପୁରୁଷ ବର୍ଗରେ ୨୯ ତାରିଖ ଦିନ ମ୍ୟାଚ୍ ହେବ । ସମସ୍ତ ମ୍ୟାଚ୍ ଲସ୍ ଆଞ୍ଜେଲେସ୍ ଠାରୁ ୫୦ କିଲୋମିଟର ଦୂରରେ ଥିବା ପୋମନାର ଫେୟାର୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ ।